# ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ସମୁହ ଅଭ୍ୟାସ (Mock Drill)ଅନୁଷ୍ଠିତ ।

ଅନୁଗୋଳ,ତା.୧୯.୬:- ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ଧନଜୀବନର ସୁରକ୍ଷା କରିବା ନିମନ୍ତେ ଆଜି ସମସ୍ତ ଜିଲ୍ଲାରେ ସମୁହ ଅଭ୍ୟାସ (Mock Drill)ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଅନୁଗୋଳ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମୁହ ଅଭ୍ୟାସ (Mock Drill)କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଶୁଭାରମ୍ଭ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସଠିକ୍ ପଦକ୍ଷେପ ନିଆଯିବ ସେ ସମ୍ପର୍କୀତ ଆବଶ୍ୟକ ଜ୍ଞାନ କୌଶଳ ଏହି ସମୁହ ଅଭ୍ୟାସରୁ ଶିକ୍ଷା କରି ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଉପଲବ୍ଧ ସମ୍ବଳକୁ ବିନିଯୋଗ କରି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ସମୁହ ଅଭ୍ୟାସ କାର୍ଯ୍ୟକ୍ରମରେ ଜିଲ୍ଲା ଅଗ୍ନିଶମ ବିଭାଗ ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ଧନଜୀବନ ରକ୍ଷା କରିବାର ଜ୍ଞାନ କୌଶଳ ସମ୍ପର୍କରେ ସମୁହ ଅଭ୍ୟାସ ପ୍ରଦର୍ଶନ କରିଥିଲେ । ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ଓ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳରେ ଆବଶ୍ୟକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଜିଲ୍ଲା ଅଗ୍ନିଶମ ଅଧିକାରୀ ଶ୍ରୀ ସର୍ବେଶ୍ୱର ବରାଳ ପାୱାର ବୋଟ,ପାୱାର କଟର, ପାୱାର ଲାଇଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଉପରେ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇବା ସହ ସୁ ଉଚ୍ଚ ଅଟାଳିକା ଉପରୁ ଅଚେତ ଅବସ୍ଥାରେ ପ୍ରଭାବିତ ଲୋକମାନଙ୍କୁ ଦଉଡି ଓ ସିଡି ସାହାଯ୍ୟରେ ତଳକୁ ଆଣିବାର କଳା କୌଶଳ ପ୍ରଦର୍ଶନ କରିଥିଲେ । ଏହାଛଡା ଅଗ୍ନିକାଣ୍ଡ ଘଟିଥିବା ଗୃହ ମଧ୍ୟରୁ ଧୂଆଁ ଦ୍ୱାରା ଅଣ ନିଶ୍ୱାସୀ ହୋଇଥିବା ପ୍ରଭାବିତ ମାନଙ୍କୁ ଗୃହ ମଧ୍ୟରୁ ବାହାରକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବାର କୌଶଳ ପ୍ରଦର୍ଶନ କରିଥିଲେ । ଏହି ସମୁହ ଅଭ୍ୟାସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଜେ ସୁଉଚ୍ଚ ଅଟାଳିକା ଉପରୁ ଅଚେତ ଅବସ୍ଥାରେ ଦଉଡି ସାହାଯ୍ୟରେ ତଳକୁ ଅବତରଣ କରି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ଶ୍ରୀ ବଇଦ୍ଧରା ଦିପ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ଆଲମା ବରୁଆ, ଡେପୁଟୀ କଲେକ୍ଟର ଶ୍ରୀ ଲମ୍ବୋଦର ମାରାଣ୍ଡି, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଉନିକାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଡି ପି ଓ ଶ୍ରୀ ପ୍ରଦୋଷ କୁମାର ଶତପଥି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରତ୍ୟୁଷରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କୀତ ସଚେତନତା ବାର୍ତ୍ତା ଗାନ କରାଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା ।


VVPAT
Chief Electoral Officer, Odisha
www.ceoorissa.nic.in
www.nvsp.in
Voter Helpline
1950
ଜିଲ୍ଲା ସ୍ତରୀୟ ମକ୍ ଡ୍ରିଲ୍ - ୨୦୧୯




DIST. BLOOD BANK
JUVENILE JUSTICE BOARD
GOVT. OF ODISHA
HEALTH & F.W.DEPT.
AMBULANCE

